# NATIONAL NEWS BULLETIN (ODIA)

## 6 June - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- କେରଳର ତିନୋଟି ରାଜ୍ୟସଭା ଆସନରେ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି ।
- ନୂଆଦିଲ୍ଲୀଠାରେ ଆସନ୍ତାକାଲି ଅନୁଷ୍ଠିତ ହେବ ଏନ୍‌ଡିଏ ସଂସଦୀୟ ଦଳର ବୈଠକ ।
- ଅଷ୍ଟାଦଶ ଲୋକସଭାର ନବନିର୍ବାଚିତ ସଦସ୍ୟଙ୍କୁ ସ୍ୱାଗତ କରିବା ଲାଗି ଲୋକସଭା ସଚିବାଳୟ ଆରମ୍ଭ କରିଛି ପ୍ରସ୍ତୁତ ।
- ଇସ୍ରାଏଲ୍‌ର ବିମାନ ଆକ୍ରମଣରେ ଗାଜାରେ ୩୦ ଜଣ ପାଲେଷ୍ଟିନିୟଙ୍କର ମୃତ୍ୟୁ ।

ଏବଂ

- ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଏବଂ ହସ୍ପିଟାଲ୍ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସମୀକ୍ଷା ।

# ରାଜ୍ୟସଭା ନିର୍ବାଚନ ବିଜ୍ଞପ୍ତି

କେରଳର ତିନୋଟି ରାଜ୍ୟସଭା ଆସନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ସି.ପି.ଆଇ ନେତା, ବିନୟ ବିଶ୍ୱ, ସି.ପି.ଆଇ.ଏମ୍. ନେତା ଏଲାମା ରାମ କରିମ୍ ଏବଂ କେ.ସି.ଏମ୍ ନେତା ଜୋସେ କେ. ମଣିଙ୍କର ଆସନ୍ତା ପହିଲାରେ କାର୍ଯ୍ୟକାଳ ଶେଷ ହେଉଛି । ମହାରାଷ୍ଟ୍ରର ଗୋଟିଏ ରାଜ୍ୟସଭା ଆସନରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏନ୍.ସି.ପି. ନେତା ପ୍ରଫୁଲ୍ଲ ପଟେଲଙ୍କ ଇସ୍ତଫା ପରେ ଏହି ଆସନଟି ଖାଲି ପଡ଼ିଛି । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ଆସନ ଗୁଡ଼ିକ ପାଇଁ ନାମାଙ୍କନପତ୍ର ଦାଖଲର ସମୟସୀମା ଧାର୍ଯ୍ୟ କରାଯାଇଛି । ଆବଶ୍ୟକ ସ୍ଥଳେ ୨୫ ତାରିଖରେ ମତଗ୍ରହଣ କରାଯିବ ।

ଅନ୍ୟ ପକ୍ଷରେ ଲୋକସଭା ନିର୍ବାଚନରେ ରାଜ୍ୟସଭାର ୯ ଜଣ ସଦସ୍ୟ ନିର୍ବାଚିତ ହୋଇଥିବାରୁ ସେମାନଙ୍କର ମଧ୍ୟ ଆସନ ଖାଲି ହେବାକୁ ଯାଉଛି । ସେମାନେ ହେଲେ ଆସାମର ସର୍ବାନନ୍ଦ ସୋନୱାଲ୍ ଏବଂ କାମାକ୍ଷା ପ୍ରସାଦ ତାସା, ବିହାରର ବିବେକ ଠାକୁର ଓ ମୀସା ଭାରତୀ, ହରିୟାଣାର ଦୀପେନ୍ଦ୍ର ସିଂହ ହୁଡ଼ା, ମଧ୍ୟପ୍ରଦେଶର ଜ୍ୟୋତିରାଦିତ୍ୟ ସିନ୍ଧିଆ, ମହାରାଷ୍ଟ୍ରର ପୀୟୂଷ ଗୋୟଲ୍, ରାଜସ୍ଥାନର କେ.ସି. ବେଣୁଗୋପାଳ ଏବଂ ତ୍ରିପୁରାର ବିପ୍ଲବ କୁମାର ଦେବ ଅନ୍ତର୍ଭୁକ୍ତ ।

## ଏନ୍‌ଡିଏ ବୈଠକ

ଏନ୍‌ଡିଏ ସଂସଦୀୟ ଦଳର ବୈଠକ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ଏଥିରେ ସହଯୋଗୀ ଦଳଗୁଡ଼ିକର ନେତା ତଥା ପ୍ରତିନିଧି ଯୋଗଦେବେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ନୂଅଦିଲ୍ଲୀଠାରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ଦଳର ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଛନ୍ତି । ଦଳର ବରିଷ୍ଠ ନେତୃବୃନ୍ଦ ଏଥିରେ ଯୋଗ ଦେଇଥିଲେ । ଜେଡିୟୁ ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ଏନ୍‌ଡିଏ ଆଲାଏନ୍ସ-ଚିରାଗ ପାଶୱାନ୍

ଲୋକଜନଶକ୍ତି ପାର୍ଟି ରାମବିଳାଶର ମୁଖ୍ୟ ଚିରାଗ ପାଶୱାନ୍ ଏନ୍.ଡି.ଏ.ର ଅନ୍ୟ ସହଯୋଗୀ ଦଳଙ୍କ ସହ ବିରୋଧୀ ନେତାଙ୍କୁ ଯୋଗାଯୋଗ କରୁଥିବାର ନେଇ ଖବରକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏଭଳି ମିଥ୍ୟା ପ୍ରଚାର କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇ ଶ୍ରୀ ପାଶୱାନ୍ କହିଛନ୍ତି, ତୃତୀୟଥର ପାଇଁ ଶ୍ରୀ ମୋଦୀଙ୍କୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେବା ପାଇଁ ଜନାଦେଶ ମିଳିଛି । କୌଣସି ସହଯୋଗୀ ଦଳ ଏହାକୁ

ଅସମ୍ମାନ କରିପାରିବେ ନାହିଁ । ଖୁବ୍ ଶୀଘ୍ର ସରକାର ଗଠନ ହେବ ଏବଂ ପୂର୍ଣ୍ଣ ୫ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ ବୋଲି ସେ କହିଛନ୍ତି ।

## ସ୍ପେରିଂ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଶପଥ ଗ୍ରହଣ ସମାରୋହର ପୂର୍ବ ପ୍ରସ୍ତୁତି ନେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ପ୍ରସାର ଭାରତୀ, ଆକାଶବାଣୀ ଏବଂ ଦୂରଦର୍ଶନ ବରିଷ୍ଠ ଅଧିକାରୀମାନେ ସମୀକ୍ଷା କରିଛନ୍ତି । ଆଜି ନୂଆଦିଲ୍ଲୀ ସ୍ଥିତି ରାଷ୍ଟ୍ରପତି ଭବନକୁ ଯାଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଂଜୟ ଜାଜୁ, ପ୍ରସାର ଭାରତୀ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ, ଆକାଶବାଣୀ ମହାନିର୍ଦ୍ଦେଶ ମୌସୁମୀ ଚକ୍ରବର୍ତ୍ତୀ ଏବଂ ଦୂରଦର୍ଶନ ମହାନିର୍ଦ୍ଦେଶକ କାଞ୍ଚନ ପ୍ରସାଦଙ୍କ ସମେତ ବିଭାଗୀୟ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରସ୍ତୁତିର ସମୀକ୍ଷା କରିଥିଲେ ।

## ଲୋକସଭା ସେକ୍ରେଟେରୀଏଟ୍

ଅଷ୍ଟାଦଶ ଲୋକସଭାର ନବନିର୍ବାଚିତ ସଦସ୍ୟଙ୍କୁ ସ୍ୱାଗତ କରିବା ଲାଗି ଲୋକସଭା ସଚିବାଳୟ ପ୍ରସ୍ତୁତି ଆରମ୍ଭ କରିଛି । ସଚିବାଳୟ ପକ୍ଷରୁ

ଜାରି ବିଜ୍ଞପ୍ତି ଅନୁଯାୟୀ ସଦସ୍ୟଙ୍କର ନିରବଚ୍ଛିନ୍ନ ପଞ୍ଜିକରଣରୁ ସୁନିଶ୍ଚିତ କରିବା ଲାଗି ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଡିଜିଟାଲ୍ ପ୍ରକ୍ରିୟାର ଉପଯୋଗ କରି ନିର୍ବାଚିତ ସଦସ୍ୟଙ୍କର ପଞ୍ଜିକରଣ କରାଯିବ । ପଞ୍ଜିକରଣ ସମୟରେ ସ୍ଥାୟୀ ପରିଚୟପତ୍ର, ସ୍ୱାସ୍ଥ୍ୟ ଯୋଜନା କାର୍ଡ ଏବଂ ବ୍ୟାଙ୍କ୍ ଆକାଉଣ୍ଟ ଆଦି ଖୋଲିବା ପାଇଁ ସହଯୋଗ ଯୋଗାଇ ଦିଆଯିବ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି ।

ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ପଞ୍ଜିକରଣ ପ୍ରକ୍ରିୟା ଜାରି ରହିବ । ଏପରିକି ଶନିବାର ଏବଂ ରବିବାର ଦିନ ମଧ୍ୟ ପଞ୍ଜିକରଣ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ବିମାନ ବନ୍ଦର ଏବଂ ରେଳ ଷ୍ଟେସନ୍‌ରେ ଗାଇଡ୍ ପୁସ୍ତିକା ସ୍ଥାପନ କରାଯାଇଛି ବୋଲି ସଚିବାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଇଣ୍ଡି ମେଣ୍ଟ ବୈଠକ

ନୂଆଦିଲ୍ଲୀ ଠାରେ ଆଜି ଇଣ୍ଡି ମେଣ୍ଟ ସହଯୋଗୀ ଦଳ ଗୁଡ଼ିକର କେତେକ ନେତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ତୃଣମୂଳ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଶେକ ବାନାର୍ଜୀ ଏବଂ ଦଳର ନେତା ଡେରେକ୍ ଓବ୍ରାଇନ୍, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ । ଆମ୍

ଆଦମୀ ପାର୍ଟି ନେତା ତଥା ରାଜ୍ୟସଭା ସାଂସଦ ରାଘବ ଚଡ୍ଢା, ୟୁ.ବି.ଟି. ନେତା ସଂଜୟ ରାଉତଙ୍କ ସହ ମଧ୍ୟ ଆଜି ଆଲୋଚନା କରିଛନ୍ତି ।

ସୂଚନା ଯୋଗ୍ୟ ଲୋକସଭା ନିର୍ବାଚନ ଫଳାଫଳ ପରିପ୍ରେକ୍ଷୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଇଣ୍ଡି ମେଣ୍ଟ ନେତାଙ୍କ ବୈଠକ ପରେ ଆଜି ଏହି ଭିନ୍ନ ଭିନ୍ନ ବୈଠକ ଅନୁଷ୍ଠିତ ହୋଇଛି ।

## ଇସ୍ରାଏଲ୍-ହମାସ

ଇସ୍ରାଏଲ୍‌ର ବିମାନ ଆକ୍ରମଣରେ ଗାଜାରେ ୩୦ ଜଣ ପାଲେଷ୍ଟିନିୟଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଏବଂ ମହିଳା ଅଛନ୍ତି । ଶତାଧିକ ଆହତ ହୋଇଥିବା ଜଣାପଡ଼ିଛି । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଇସ୍ରାଏଲ୍‌ର ଲଢୁଆ ବିମାନ କେନ୍ଦ୍ରୀୟ ଗାଜା ଉପତ୍ୟକାରେ ଥିବା ନ୍ୟୁସିରାଟ କ୍ୟାମ୍ପ୍‌ରେ ବିସ୍ଥାପିତ ଲୋକଙ୍କ ପାଇଁ ଥିବା ଏକ ସ୍କୁଲ୍‌କୁ ଲକ୍ଷ୍ୟ କରି ବୋମାମାଡ଼ କରିଥିଲେ ।

ଅନ୍ୟ ପକ୍ଷରେ ଇସ୍ରାଏଲ୍ ସେନା କହିଛି, ସେହି ଅଞ୍ଚଳର ସ୍କୁଲ୍ ଭିତରେ ଥିବା ହମାସ୍ କ୍ୟାମ୍ପ୍‌କୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଛି ଏବଂ ଏଥିରେ ବହୁ ଆତଙ୍କବାଦୀ ନିହତ ହୋଇଛନ୍ତି । ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ପାଇଁ ମିଳିତ ଜାତିସଂଘ ପକ୍ଷରୁ ପରିଚାଳିତ ବିଦ୍ୟାଳୟ,

ଡାକ୍ତରଖାନା ଏବଂ ଅନ୍ୟାନ୍ୟ ବେସାମରିକ ଭିତ୍ତିଭୂମିକୁ ହମାସ ଆତଙ୍କବାଦୀ ଗୋଷ୍ଠୀ ବ୍ୟବହାର କରୁଛନ୍ତି ବୋଲି ଇସ୍ରାଏଲ୍ ସେନା ଅଭିଯୋଗ କରିଛି ।

## ରୁଷ-ମିଶାଇଲ୍

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଛନ୍ତି, ୟୁକ୍ରେନ୍‌କୁ ପାଶ୍ଚାତ୍ୟ ଅସ୍ତ୍ରଶସ୍ତ୍ର ପ୍ରଦାନ ମାଧ୍ୟମରେ ରୁଷୀୟ ଅଞ୍ଚଳରେ ଆକ୍ରମଣ କରାଗଲେ ରୁଷ ସେହି ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ଦୂରତ୍ୱ ଅତିକ୍ରମ କରିପାରୁଥିବା ପାରମ୍ପରିକ କ୍ଷେପଣାସ୍ତ୍ର ମୁତୟନ କରିବ । ଗଣମାଧ୍ୟମର ବରିଷ୍ଠ ସମ୍ପାଦକମାନଙ୍କ ସହ ଆଲୋଚନା ବେଳେ ପୁଟିନ୍ କହିଛନ୍ତି, ରୁଷ କେବେବି ପରମାଣୁ ଅସ୍ତ୍ର ବ୍ୟବହାର କରିବ ନାହିଁ, ଏହା ଭାବିବା ଠିକ୍ ନୁହଁ । କ୍ରେମ୍‌ଲିନ୍‌ର ପରମାଣୁ ନୀତିକୁ ହାଲୁକା ଭାବେ ଗ୍ରହଣ ନ କରିବାକୁ ସେ ସତର୍କ କରିଦେଇଛନ୍ତି । ୟୁକ୍ରେନ୍‌କୁ ରୁଷୀୟ ଅଞ୍ଚଳରେ ଆକ୍ରମଣ କରିବା ପାଇଁ ପାଶ୍ଚାତ୍ୟ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ଅନୁମତି ଦେବା ପରିପ୍ରେକ୍ଷୀରେ ଶ୍ରୀ ପୁଟିନ୍ ଏହି ଚେତାବନୀ ଦେଇଛନ୍ତି । ଏହା ଦ୍ୱାରା ମସ୍କୋ ସେହିଭଳି ଉଚ୍ଚ ଜ୍ଞାନକୌଶଳ ତଥା ଦୂରତ୍ୱ ଅତିକ୍ରମ କରିପାରୁଥିବା କ୍ଷେପଣାସ୍ତ୍ର ମୁତୟନ କରିବାକୁ ବିଚାର କରୁଛି । ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷୀଆର ସାମରିକ ଅଞ୍ଚଳକୁ ଲକ୍ଷ୍ୟ କରି ଆମେରିକା ଦ୍ୱାରା ପ୍ରଦତ୍ତ ଅସ୍ତ୍ରଶସ୍ତ୍ରକୁ ପ୍ରସ୍ତୁତ କରି ରଖିବାକୁ ଅନୁମତି

ଦେଇଥିଲା । ତେବେ ଏହାର ବ୍ୟବହାରକୁ ୱାଶିଂଟନ୍ ବାରଣ କରିଥିବା ଜଣାପଡ଼ିଛି ।

## ଆଇପିଇଏଫ୍-ଇଣ୍ଡିଆନ୍ ଡେଲିଗେସନ୍

ସିଙ୍ଗାପୁରରେ ଚାଲିଥିବା ପ୍ରଥମ ଭାରତ-ପ୍ରଶାନ୍ତମହାସାଗରୀୟ ଆର୍ଥିକ ବିକାଶମୂଖୀ ଢାଞ୍ଚାର ସ୍ୱଚ୍ଛ ଅର୍ଥନୀତି ନିବେଶ ଫୋରମ୍‌ରେ ଭାରତ ଆଜି ଯୋଗ ଦେଇଛି । ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବାଣିଜ୍ୟ ବିଭାଗ ସଚିବ ସୁନୀଲ ବର୍ଥୱାଲ୍ ନେଇଛନ୍ତି । ବିଶ୍ୱସ୍ତରୀୟ ନିବେଶକ, ନୀତିନିର୍ଦ୍ଧାରକ ଶିକ୍ଷାବିତ୍‌କୁ ଗୋଟିଏ ଛାତତଳେ ଆଣିବାରେ ଏହି ମଞ୍ଚ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ଶ୍ରୀ ବର୍ଥୱାଲ୍ ଏହି ଅବସରରେ କହିଛନ୍ତି । ସେ କହିଛନ୍ତି, ଭାରତ-ପ୍ରଶାନ୍ତମହାସାଗରୀୟ ଅଞ୍ଚଳରେ ସ୍ଥାୟୀ ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିବାରେ ଏହା ଅଧିକ ସହାୟକ ହେବ । ବିଶେଷ କରି ଭାରତରେ ଅକ୍ଷୟ ଶକ୍ତି, ପୁନଃବ୍ୟବହାରକ୍ଷମ ଶକ୍ତି, ବୈଦ୍ୟୁତିକ ଯାନ ପ୍ରସ୍ତୁତି କ୍ଷେତ୍ରରେ ଆଗାମୀ ୨୦୩୦ ସୁଦ୍ଧା ୫୦୦ ବିଲିୟନ୍ ଆମେରିକୀୟ ଡଲର୍ ପୁଞ୍ଜି ନିବେଶ ପାଇଁ ସୁଯୋଗ ରହିଛି ବୋଲି ସେ କହିଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶ୍ରେଷ୍ଠ ୧୦୦ ଜଳବାୟୁ ପ୍ରଯୁକ୍ତି ଷ୍ଟାର୍ଟଅପ୍ ମଧ୍ୟରେ ୧୦ଟି ଭାରତୀୟ କମ୍ପାନୀକୁ ଅଂଶଗ୍ରହଣ କରିବା ପାଇଁ ଆଇ.ପି.ଇ.ଏଫ୍. ଚୟନ କରିଛି । ଏହି ଫୋରମ୍‌ରେ ୨୫ରୁ ଅଧିକ

ଭାରତୀୟ କମ୍ପାନୀ ୧୦୦ରୁ ଅଧିକ ପୁଞ୍ଜିନିବେଶକଙ୍କ ପାଖରେ ପହଞ୍ଚିବାର ସୁଯୋଗ ପାଇଛନ୍ତି ।

## ହେଲ୍‌ଥ ମିନିଷ୍ଟ୍ରି-ହିଟ୍‌ୱେଭ୍

ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଏବଂ ହସ୍ପିଟାଲ୍ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ରାଜ୍ୟ ସହ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ଡାକ୍ତର ଅତୁଲ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସବୁ ରାଜ୍ୟ କେନ୍ଦ୍ର ଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ବିଭାଗର ଉଚ୍ଚସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି । ଅଗ୍ନିକାଣ୍ଡ ସମୟରେ ରୋଗୀ, କର୍ମଚାରୀ ଏବଂ ଅନ୍ୟାନ୍ୟ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି ।

ଅନ୍ୟ ପକ୍ଷରେ ମଧ୍ୟପ୍ରଦେଶରେ ସବୁ ସରକାରୀ ଏବଂ ବେସରକାରୀ ଡାକ୍ତରଖାନାରେ ଅଗ୍ନିନିରାପତ୍ତା ବ୍ୟବସ୍ଥା ନେଇ ମକ୍‌ଡ୍ରିଲ୍ କରାଯାଉଛି ବୋଲି ବୈଠକରୁ ଜଣାପଡ଼ିଛି ।

# ଇଣ୍ଡିଆ-ଓମାନ ନାଭି

ସାମୁଦ୍ରିକ କ୍ଷେତ୍ରରେ ଭାରତ-ଓମାନ ଦ୍ୱିପାକ୍ଷିକ ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଗତ ୪ ଓ ୫ ତାରିଖ ଦୁଇଦିନ ଧରି ନୂଆଦିଲ୍ଲୀ ଠାରେ ଅଧିକାରୀ ସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି । କମୋଡର ମନମିତ୍ ସିଂହ ଖୁରାନା ଭାରତୀୟ ନୌସେନା ମଣ୍ଡଳୀର ନେତୃତ୍ୱ ନେଇଥିଲେ । ସେ ଓମାନର ରୟାଲ୍ ନୌସେନାର ଏୟାର୍ ଅପରେସନ୍ ଆଣ୍ଡ ପ୍ଲାନ୍ସର ମହାନିର୍ଦ୍ଦେଶକ କମୋଡର ଜସିମ୍ ମହମ୍ମଦ୍ ଅଲି ଅଲ୍ ବାଲୁସିଙ୍କ ସହ ଆଲୋଚନା କରିଥିଲେ । ସମୟରେ ଉଭୟ ପକ୍ଷ ସାଧାରଣ ସାମୁଦ୍ରିକ ନିରାପତ୍ତା ସମ୍ପର୍କିତ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଛି ।

ଉପସାଗରୀୟ ଅଞ୍ଚଳରେ ଓମାନ ଭାରତର ଅନ୍ୟତମ ଘନିଷ୍ଠ ସହଯୋଗୀ ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନିୟମିତ ଭାବରେ ଅଧିକାରୀ ସ୍ତରୀୟ ଆଲୋଚନା ହୋଇଥାଏ ।

# ଟି-୨୦

ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୯ଟାରେ ଡଲାସ୍‌ର ଗ୍ରାଣ୍ଡପେରି

ଷ୍ଟାଡିୟମ୍ ଠାରେ ପାକିସ୍ତାନ ଏବଂ ଆମେରିକା ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯିବ । ସେହିଭଳି ରାତି ୧୨ଟା ୩୦ ମିନିଟ୍‌ରେ ଦ୍ୱିତୀୟ ମ୍ୟାଚ୍‌ରେ ବାର୍‌ବାଡୋସର କେନ୍‌ସିଙ୍ଗଟନ ଓଭାଲଠାରେ ନାମିବ୍ୟା ଏବଂ ସ୍କଟଲ୍ୟାଣ୍ଡ ପରସ୍ପରକୁ ଭେଟିବେ ।

ଅନ୍ୟ ପକ୍ଷରେ ଗାଏନାସ୍ଥିତ ପ୍ରୋଭିଡେନ୍ସ ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଉଗାଣ୍ଡା’ ପପୁଆ ନିଉଗିନିକୁ ୩ ଓ୍ୱିକେଟ୍‌ରେ ପରାସ୍ତ କରିଛି ।

ସେହିଭଳି ବାର୍‌ବାଡୋସର କେନ୍‌ସିଙ୍ଗଟନ ଓଭାଲଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓମାନ୍‌କୁ ଅଣଚାଳିଶ ରନ୍‌ରେ ପରାସ୍ତ କରିଛି । ଏହି ପ୍ରଥମ ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ତା’ର ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତା ଅଭିଯାନ ଆରମ୍ଭ କରିଛି ।